# ରାଉରକେଲା ମହାନଗର ନିଗମ, ରାଉରକେଲା

ଇ.ମେଲ.ଆଇଡ଼ିରାଉରକେଲା ମ୍ୟୁନିସିପାଲିଟି ଆର୍ଟ;ଦିରେଟ୍ ଜିମେଲ୍.କମ୍ ଟେଲିଫୋନ୍ ନଂ-୦୬୬୧-୨୫୦୦୩୮ ପିନ୍-୭୬୯୦୧୨

**ପତ୍ରସଂଖ୍ୟା ୪୩୪୪ ତାରିଖ ୨୫/୪/୨୦୨୨**

## <u>ଗୃହ ଟିକସ ଉପରେ ବିଶେଷ ରିହାତି</u>

ଏତଦ୍ୱାରା ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡ଼ର କରଦାତା ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ବିଗତ ବର୍ଷ ଭଳି ଯେଉଁମାନେ 2022-23 ବର୍ଷ ନିମନ୍ତେ ବାର୍ଷିକ ଅଗ୍ରୀମ ଘର (ହୋଲଡ଼ିଂ) ଟିକସ ଏକ କିସ୍ତିରେ ଆସନ୍ତା ତା 1.05.2022 ରିଖ ଠାରୁ ତା 31.05.202 ରିଖ ମଧ୍ୟରେ ସରକାରୀ ଛୁଟି ଦିବସ ବ୍ୟତୀତ ପୈଠ କରିବେ ସେମାନଙ୍କୁ ଓଡ଼ିଶା ମହାନଗର ଅଧିନିୟମଧାରା 257(2) ଅନୁଯାୟୀ ଶତକଡ଼ା 5% (ପାଂଚ) ହାରରେ ରିହାତି ପ୍ରଦାନ କରାଯିବ। ଏହି ରିହାତି ଟିକସ ସମସ୍ତ ସରକାରୀ ଓ ବେସରକାରୀ ଗୃହ ମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯେଉଁ ଗୃହ ମାଲିକମାନେ 2021-22 ବର୍ଷ ପର୍ଯ୍ୟନ୍ତ ଗୃହ ଟିକସ ପୈଠ କରିଥିବେ ସେମାନେ 2022-23 ବର୍ଷର ଅଗ୍ରୀମ ଟିକସ ପୈଠ ଉପରେ ରିହାତି ପାଇପାରିବେ। ବକେୟା ରଖିଥିବା ସମସ୍ତ ଗୃହ ଟିକସ ଦାତା ସେମାନଙ୍କର ସମସ୍ତ ବକେୟା ଗୃହ ଟିକସ ପୈଠ କରି ଏହି ଅଗ୍ରୀମ ଟିକସ ପ୍ରଦାନ ଉପରେ ରିହାତିର ସୁଯୋଗ ନେଇପାରିବେ।

ଗୃହ ମାଲିକ ତଥା ଟିକସ ଦାତା ମାନେ ସମ୍ପୃକ୍ତ ଅଂଚଳର ଟିକସ ସଂଗ୍ରାହକଙ୍କ ପାଖରେ ଟିକସ ପୈଠ କରିପାରିବେ ଏବଂ ଇ ଟ୍ରାନ୍ସଫର ମାଧ୍ୟମରେ ଦେବାକୁ ଚାହୁଁଥିଲେ ସେମାନ sujog.ori.gov.in ଯାଇ ଟିକସ ପୈଠ କରିପାରିବେ। ଯେଉଁ ଟିକସ ଦାତା ମାନେ କାର୍ଯ୍ୟାଳୟରେ ଅଗ୍ରୀମ ଟିକସ ପୈଠ କରିବାକୁ ଚାହୁଁଥିଲେ ସେମାନେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଦିବା ୮.୦୦ ଘଟିକା ଠାରୁ ୧.୦୦ ଘଟିକା ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟକାରୀ ଟିକସ ପୈଠ କରିପାରିବେ। କାର୍ଯ୍ୟାଳୟରେ ପଇଠ କରିବା ନିମନ୍ତେ ୨୦୨୧-୨୨ ବର୍ଷର ଟିକସ ପୈଠ ହୋଇଥିବା ରସିଦ୍ ଏବଂ ବ୍ୟାଙ୍କର ଏଟିଏମ କାର୍ଡ଼ ଆଣିବା ନିମନ୍ତେ ଅନୁରୋଧ କରାଯାଉଅଛି।

ଟିକସ ସଂଗ୍ରାହକ ମାନଙ୍କ ଦ୍ୱାରା ପିଓଏସ୍ ମେସିନ୍ ଦ୍ୱାରା ଗୃହମାଲିକଙ୍କ ଠାରୁ ଇଲେକ୍ଟ୍ରୋନିକ୍ସ ଟ୍ରାନ୍ସଫର ମାଧ୍ୟମରେ ଟିକସ ଆଦାୟ କରାଯିବ। ଏଣୁ ସମ୍ପୃକ୍ତ ଗୃହମାଲିକ ମାନେ ସେମାନଙ୍କର ବ୍ୟାଙ୍କ ଏଟିଏମ୍ କାର୍ଡ଼ ସ୍ୱାଇପ୍ ଦ୍ୱାରା ଟିକସ ପୈଠ କରିବା ନିମନ୍ତେ ଅନୁରୋଧ କରାଯାଉଅଛି।।

ଚଳିତ ବର୍ଷ ଆପଣଙ୍କର ଟିକସ ଆଦାୟରେ ସହଯୋଗ ମହାନଗର ନିଗମର ସହରବାସୀଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବାରେ ସହାୟକ ହେବ।

Sd.

ଆୟୁକ୍ତ
ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା ୪୩୪୫ ତା ୨୫/୪/୨୦୨୨**

ଏହି ବିଜ୍ଞପ୍ତିର ନକଲ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ବିଜ୍ଞାପନ ଫଳକ ରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତଣାଇ ଦିଆଗଲା।

ଏହାର ଏକକିତା ନକଲ ବିତ ଅଧିକାରୀ/ମୁଖ୍ୟ ସହାୟକ/ହିସାବ ରକ୍ଷକ/କୋଷାଧକ୍ଷ/ଟିକସ ଆଦାୟକାରୀ ଙ୍କ ଅବଗତି ନିମାନ୍ତ ଜଣାଇ ଦିଆଗଲା।

Sd

ଆୟୁକ୍ତ
ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା ୪୩୫୭ ତା ୨୫/୪/୨୦୨୨**

ଏହାର ଏକକିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କୁ ଏକ ଦୈନିକ ଖବର କାଗଜରେ ଏକଦିନ ପ୍ରକାଶନ ପାଇଁ ଅନୁରୋଧ କରାଗଲା।

ଏହାର ଏକକିତା ନକଲ MIS Programmer , www.rmc.nic.in **ରେ ପ୍ରକାଶନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା।**